# OFFICE OF ICDS PROJECT ATHMALLIK
# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ଯ୍ୟାଳୟ ଆଠମଲ୍ଲିକ

EMAIL: cdpoathma.or@nic.in


ବିଜ୍ଞାପନ ସଂଖ୍ୟା: 377 ନଥି ସଂଖ୍ୟା:VI-08/2025/ତା: 21.05.25

ଏତଦ୍ୱାରା ଆଠମଲ୍ଲିକ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପର କୁମ୍ଭିଆ ଅଙ୍ଗନୱାଡି କେନ୍ଦ୍ର ରେ ଖାଲିପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ଅନଲାଇନ ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରକାଶ ଥାଉକିଯେ ଏହି ବିଜ୍ଞାପନରେ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ରଦ୍ଦ କରାଯାଇପାରିବ । ଏହା ପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ ।

ଅଙ୍ଗନୱାଡି କେନ୍ଦ୍ର ଅବସ୍ଥିତ ଗ୍ରାମ ଓ ତା ସହିତ ସଲଗ୍ନ ଗ୍ରାମ/ପଡା ର ଇଚ୍ଛୁକ ପ୍ରାର୍ଥିନୀ ମାନେ https://engagement-awc.odisha.gov.in ରେ ନିଜକୁ ପଞ୍ଜୀକରଣ କରି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିପାରିବେ । ଆବେଦନ କେବଳ ଅନଲାଇନ ରେ ହିଁ ଗ୍ରହଣ କରାଯିବ ଏବଂ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବା ନାହିଁ ।

ଆବେଦନ ଆରମ୍ଭ କରିବା ତାରିଖ : ୨୨.୦୫.୨୦୨୫ .

ଆବେଦନ ଶେଷ କରିବା ତାରିଖ : ୦୫.୦୬.୨୦୨୫

<u>ନିମ୍ନ ଲିଖିତ ଯୋଗ୍ୟତା ଭିତ୍ତିରେ ଇଚ୍ଛୁକ ପ୍ରାର୍ଥିନୀ ମାନେ ଦରଖାସ୍ତ ପକାଇପାରିବେ ।</u>

୧) ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ଏକାଠି ସଲଗ୍ନ କରି ଅନଲାଇନ ରେ ଅପଲୋଡ କରିବେ । (ଅଙ୍ଗନବାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ସଂରୂପ ଆକାର annexure-୧ ରେ ଦିଆଯାଇଅଛି)

୨) ପ୍ରାର୍ଥିନୀ ଯଦି ତହସିଲଭୁକ୍ତ ଅନୁସୂଚିତ ଜାତି କିମ୍ବା ଅନୁସୂଚିତଜନଜାତି ହୋଇଥିବେ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତି ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୩) ପ୍ରାର୍ଥିନୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ୧୮ ର ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଜରୁରୀ । ଜନ୍ମ ତାରିଖ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୪) ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ହୋଇଥିବା ଆବଶ୍ୟକ । ସମସ୍ତ ଉଚ୍ଚ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ମୂଲ୍ୟାଙ୍କନ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୫) ପ୍ରାର୍ଥିନୀ ଯଦି ପୂର୍ବରୁ କୌଣସି ଅଙ୍ଗନବାଡି କେନ୍ଦ୍ରରେ ସହାୟିକା/ସଙ୍ଗଠିକା/ବାଲୟୋଡି କର୍ମୀ ପଦବୀରେ ୫ ବର୍ଷ କିମ୍ବା ତତୋର୍ଦ୍ଧ୍ୱ କାଳ କାର୍ଯ୍ୟ କରିଥିବେ, ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୬) ପ୍ରାର୍ଥିନୀ ଯଦି ସର୍ବଶିକ୍ଷା ଅଭିଯାନ/ଏନ.ପି.ଇ.ଜି.ଇ.ଏଲ ଅଧୀନରେ ଇ.ସି.ସି କର୍ମୀ ରୂପରେ କାର୍ଯ୍ୟ କରିଥିବେ, ତେବେ ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୭) ପ୍ରାର୍ଥିନୀ ଯଦି ବିଧବା/ନିରାଶ୍ରୟ/ପରିତକ୍ତ୍ୟା ମହିଳା ହୋଇଥିବେ ତେବେ ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ।

୮) ପ୍ରାର୍ଥିନୀ ଯଦି ଛାଡପତ୍ର ପ୍ରାପ୍ତ ହୋଇଥିବେ ତେବେ ନ୍ୟାୟାଳୟ ଠାରୁ ପ୍ରଦତ୍ତ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ।(*ନ୍ୟାୟାଳୟ ଠାରୁ ପ୍ରଦତ ପ୍ରମାଣ ପତ୍ର ଠାରୁ ଅନ୍ୟତ୍ର ଯଥା ଗ୍ରାମ ସଭାରୁ କିମ୍ବା ଜାତି ସଭାରୁ ଆଣିଥିବା ପ୍ରମାଣ ପତ୍ର ବିଧିମାନ୍ୟ ନୁହଁ)

୯) ପ୍ରାର୍ଥିନୀ ଯଦି ଭିନ୍ନକ୍ଷେମ ହୋଇଥିବେ ତେବେ UDI ପ୍ରମାଣ ପତ୍ର ଅନଲାଇନରେ ଅପଲୋଡ କରିବେ।

Scanned with OKEN Scanner

# OFFICE OF ICDS PROJECT ATHMALLIK

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ଯ୍ୟାଳୟ ଆଠମଲ୍ଲିକ

EMAIL: cdpoathma.or@nic.in


୧୧) ପ୍ରାର୍ଥିନୀ ଯଦି ଅନାଥ ହୋଇଥିବେ, ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

ଏହି ଅଧିସୂଚନା ଅନୁଯାଇ ଆବେଦନ କରିଥିବା ପ୍ରାର୍ଥିନୀ ମାନେ ତା.୦୬.୦୬.୨୦୨୫.ରିଖ ସକାଳ ୯ ଘଟିକା ସମୟରେ, ଅନଲାଇନ ରୁ ଡାଉନଲୋଡ କରିଥିବା ଆବେଦନ ପତ୍ର ଓ ଅପଲୋଡ କରିଥିବା ସମସ୍ତ ପ୍ରମାଣ ପତ୍ରର ଅସଲି (original) ପତ୍ର ସହିତ ଉପ-ଜିଲ୍ଲାପାଳଙ୍କ କର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ।ଯାଞ୍ଚ ପ୍ରକ୍ରିୟାରେ ଯୋଗ ନ ଦେଇଥିବା ପ୍ରାର୍ଥିନୀଙ୍କୁ କର୍ମୀ ଚୟନ ପ୍ରକ୍ରିୟାରେ ବିଚାରକୁ ନିଆଯିବ ନାହିଁ ।

ଅଙ୍ଗନବାଡି କର୍ମୀ ପଦବୀ ଖାଲି ଥିବା ଅଙ୍ଗନବାଡି କେନ୍ଦ୍ରର ର ନାମ ନିମ୍ନରେ ଦିଆଗଲା

| କ୍ରମିକ ସଂଖ୍ୟା | ଅଙ୍ଗନବାଡି କେନ୍ଦ୍ରର ର ନାମ | ଅଙ୍ଗନୱାଡି ପରିସର | ଗ୍ରାମ ପଞ୍ଚାୟତ |
|---|---|---|---|
| ୧ | କୁମ୍ଭିଆ | ଦୁଶାସନ ଦେହୁରୀ ଘର ଠାରୁ ତପନ ପ୍ରଧାନ ଘର | କିଆକଟା |

ଗୁରୁତ୍ବପୂର୍ଣ ସୂଚକ :

* ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଏବଂ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀଙ୍କ ଠାରୁ ଲିଖିତ ପ୍ରମାଣ ପତ୍ର ଏକାଠି ସଲଗ୍ନ କରି ଅପଲୋଡ କରିବା ଆବଶ୍ୟକ ।
* ନିର୍ଦ୍ଧାରିତ ଦରଖାସ୍ତରେ ସମ୍ପୂର୍ଣ ବିବରଣୀ କିମ୍ବା ଆବଶ୍ୟକୀୟ ପ୍ରମାଣ ପତ୍ର ଅପଲୋଡ ନହୋଇଥିଲେ ଦରଖାସ୍ତକୁ ନାକଚ କରିଦିଆଯିବ ।
* ପ୍ରାର୍ଥିନୀ ଦେଇଥିବା ବିବରଣୀ କିମ୍ବା ଅପଲୋଡ କରିଥିବା କୌଣସି ପ୍ରମାଣ ପତ୍ର ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ତାଙ୍କ ନାମରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
* ଅଙ୍ଗନୱାଡି କର୍ମୀ ଏକ ସ୍ବେଚ୍ଛାସେବୀ । ସ୍ୱେଚ୍ଛା ପ୍ରଦତ୍ତ ପାଉଣା ୧୦,୦୦୦/- । ଏହା ଏକ ସମ୍ପୂର୍ଣ ଅସ୍ଥାୟୀ ନିୟଜନ, କୌଣସି ବେତନ ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମ ନିଯୁକ୍ତି ପରିସରଭୁକ୍ତ ନୁହଁ । ଏହି ନିଯୁକ୍ତିକୁ ଭିତ୍ତି କରି ଅଙ୍ଗନବାଡି କର୍ମୀ ସ୍ଥାୟୀ କର୍ମ ନିଯୋଜନ ଦାବି କରିପାରିବେ ନାହିଁ । ଯେ କୌଣସି ସମୟରେ ବିନା ନୋଟିସ ରେ କାର୍ଯ୍ୟ ରୁ ବହିଷ୍କାର କରାଯାଇପାରିବ ।
* ପ୍ରାର୍ଥିନୀhttps://engagement-awc.odisha.gov.in ର username ଓ password କୁ ମନେ ରଖିବା ଜରୁରି । ଏହା ଭବିଷ୍ୟତରେ କାମରେ ଆସିବ । ଦରଖାସ୍ତ ପକାଇବା ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେcdpoathma.or@nic.in ରେ ଏକ ଦରଖାସ୍ତ mail କରିପାରିବେ କିମ୍ବା ଅତ୍ର କର୍ଯ୍ୟାଳୟକୁ ସକାଳ ୧୦ ଘଟିକା ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଆସି ସେହି ବିଷୟରେ ବୁଝି ପାରିବେ (ଛୁଟି ଦିନ ବ୍ୟତୀତ)।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

ପରିପତ୍ର ସଂଖ୍ୟା: 378 ତା: 21.05.25

ଏହାର ଏକକିତ ନକଲ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଗ୍ରାମ ରେ, ଅଙ୍ଗନୱାଡି ନୋଟିସ ବୋର୍ଡରେ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଆଠମଲ୍ଲିକଙ୍କ କର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

Scanned with OKEN Scanner

# OFFICE OF ICDS PROJECT ATHMALLIK

## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ଯ୍ୟାଳୟ ଆଠମଲ୍ଲିକ

EMAIL: cdpoathma.or@nic.in

ପରିପତ୍ର ସଂଖ୍ୟା: 379 ତା: 21.05.24

ଏହାର ଏକକିତ ନକଲ ସମ୍ପୃକ୍ତ ସରପଞ୍ଚ ଙ୍କ ଅବଗତି ତଥା ନୋଟିସ ବୋର୍ଡରେ ବହୁଳ ପ୍ରଚାର ନିମନ୍ତେ ପ୍ରକାଶନ କରିବା ପାଇଁ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

ପରିପତ୍ର ସଂଖ୍ୟା: 380 ତା: 21.05.24

ଏହାର ଏକକିତ ନକଲ ଉପ– ଜିଲ୍ଲାପାଳ, ଆଠମଲ୍ଲିକ/ମେଡିକାଲ ଅଫିସର, ସି.ଏଚ.ସି, ମାଧପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ/ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଆଠମଲ୍ଲିକ/ ବ୍ଲକ ଶିକ୍ଷା ଅଧିକାରୀ, ଆଠମଲ୍ଲିକ/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁଗୁଳଙ୍କ ସଦୟ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ଦାଖଲ କରାଗଲା ।

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଆଠମଲ୍ଲିକ

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଆଠମଲ୍ଲିକ

Scanned with OKEN Scanner